# ତହସିଲଦାରଙ୍କ କାର୍ଯ୍ୟାଳୟ, ବାମରା

OGLS Rule 5(5) ଅନୁସାରେ

**ସର୍ବସାଧାରଣ ବିଜ୍ଞପ୍ତି**

୧୭୩/୨୨.୧୦.୨୦୨୫

ପ୍ରୋ. ସ. ନଂ –

ମୋକଦ୍ଦମା ନଂ - Dereservation Case No. 18/2025

ଏତଦ ଦ୍ୱାରା ମୌଜା- ଗୋବିନ୍ଦପୁର ଟାଉନ ୟୁନିଟ୍ ନଂ ୧ ର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ମୌଜା- ଗୋବିନ୍ଦପୁର ଟାଉନ ୟୁନିଟ୍ ନଂ ୧ ଅନ୍ତର୍ଗତ ନିମ୍ନ ତଫସିଲଭୁକ୍ତ ସରକାରୀ ଜମିକୁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମୁଣ୍ଡାଢିପାକୁ ବିଦ୍ୟାଳୟ କୋଠାଘର ଓ ଖେଳ ପଡିଆ ନିର୍ମାଣ **(Construction of School Building & Playground)** ନିର୍ମାଣ ନିମନ୍ତେ ଅତ୍ର କାର୍ଯ୍ୟାଳୟରେ ଦରଖାସ୍ତ ଦାଖଲ ହୋଇଅଛି ।ଆବେଦନ କରାଯାଇଥିବା ଜମି ରକ୍ଷିତ ଖାତାରେ ରେକର୍ଡ ଥିବାରୁ ଜିଲ୍ଲାପାଳ, ସମ୍ବଲପୁର ନିଜ ଆଦେଶ ସଂଖ୍ୟା ୧୭୬୭୧ ରାଜସ୍ବ ତା ୧୭ .୧୦ .୨୦୨୫ ମତେ ନିମ୍ନ ତଫସିଲ ଭୁକ୍ତ ସରକାରୀ ଜମିକୁ ସଂରକ୍ଷଣ ବିମୋଚନ କରିବା ପାଇଁ ଅନୁମୋଦନ କରିଛନ୍ତି ଏବଂ ତତ ଅନୁସାରେ ରେକର୍ଡ ସଂଶୋଧନ କରାଯିବ ।

## "ତଫସିଲ ଭୁକ୍ତ ଜମି "

| ମୌଜା | ହାଲ ଖାତା ନମ୍ବର | ହାଲ ଖାତା ର ପ୍ରକାର | ହାଲ ପ୍ଲଟ ନମ୍ବର | ହାଲ କିସମ | ରକବା ଏକର | ପ୍ରସ୍ତାବିତ ଖାତା ଏବଂ କିସମ | |
|---|---|---|---|---|---|---|---|
| | | | | | | ଖାତା ର ପ୍ରକାର | ଜମିର କିସମ |
| ଗୋବିନ୍ଦପୁର ଟାଉନ ୟୁନିଟ୍ ନଂ ୧ | ୫୪୭ | ରକ୍ଷିତ | ୨୦୩୨ | ଗୋଚର | ୦.୨୪ | ଆବାଦ ଯୋଗ୍ୟ ଅନାବାଦୀ | ପତିତ |
| ମୋଟ | ୧ | | ୧ | | ୦.୨୪ | | |

ତହସିଲଦାର, ବାମରା
Bamra, Sambalpur

ଜ୍ଞାପକ ସଂଖ୍ୟା ୨୮୭୪ ତା ୨୨.୧୦.୨୦୨୫

ଏହାର ଏକକିତା ନକଲ ସରପଞ୍ଚ, ଗୋବିନ୍ଦପୁର / ରାଜସ୍ବ ନିରୀକ୍ଷକ, ଗୋବିନ୍ଦପୁରଙ୍କ ପାଖକୁ ବହୁଳ ପ୍ରଚାରସକାଶେ ପ୍ରେରଣ କରାଗଲା । ଏକ ନକଲ ଏହି କାର୍ଯ୍ୟାଳୟ ର ବିଜ୍ଞପ୍ତି ଫଳକ ରେ ଲଗାଗଲା ।

ତହସିଲଦାର, ବାମରା
Tahasildar
Bamra, Sambalpur

ଜ୍ଞାପକ ସଂଖ୍ୟା ....୨୧୭୪.... ତା ....୨୨.୧୦.୨୦୨୫....

ଏହାର ଏକକିତା ନକଲ District e-Governance Manager (DeGM), Sambalpur ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା । ଉପରୋକ୍ତ ସର୍ବସାଧାରଣ ଇସ୍ତିହାର କୁ ଜିଲ୍ଲା କାର୍ଯ୍ୟାଳୟ ୱେବସାଇଟରେ ପ୍ରକାଶନ କରିବା ନିମନ୍ତେ ଅନୁରୋଧ କରାଗଲା ।

ତହସିଲଦାର, ବାମରା

Tahasildar

Bamra, Sambalpur